**NEW PAPER:** Dharitri

**DATE:** 23.11.2018

**PAGE:** 9

ଧରିତ୍ରୀ

DHARITRI

# ଏଏସ୍‌ବିଏମ୍‌ରେ ଜାତୀୟ ମାନବ ସମ୍ବଳ ସିମ୍ପୋଜିୟମ




ଭୁବନେଶ୍ୱର,୨୨।୧୧

ମାନବ ସମ୍ବଳର ବିକାଶ ଓ ବୈଷୟିକ ଜ୍ଞାନ କୌଶଳକୁ ଆଧାର କରି ବ୍ୟବସାୟିକ ତଥା ଅନୁଷ୍ଠାନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ହୋଇପାରିବ। ଏସିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍)ପକ୍ଷରୁ ଆୟୋଜିତ ଅଷ୍ଟମ ଜାତୀୟ ମାନବ ସମ୍ବଳ ସିମ୍ପୋଜିୟମ-୨୦୧୮ ଅବସରରେ ଯୁକ୍ତରାଷ୍ଟ୍ର ଆମେରିକା କଲ୍‌ରାଡୋ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଗଲାସ ଗିଲବର୍ଟ ଏହା କହିଛନ୍ତି। ସେହିଭଳି ଅନୁଷ୍ଠାନର ସଫଳତା ଦିଗରେ ମାନବ ସମ୍ବଳର ଭୂମିକା ଏବଂ କର୍ମଚାରୀଙ୍କ ଉପଯୁକ୍ତ ମତାମତ ଗ୍ରହଣ ଦ୍ୱାରା ମାନବ ସମ୍ବଳର ବିକାଶ ଉପରେ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟର ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶକ ବି.କେ.ଠାକୁର ଏଠାରେ ଗୁରୁତ୍ୱାରୋପ କରିଛନ୍ତି। ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ବିଜ୍‌ନେସ ଆନାଲିଟିକ୍ସ ବୈଷୟିକ ପରିବର୍ତ୍ତନ ଆଣି ପାରିବ ବୋଲି ନାଲ୍‌କୋର ପୂର୍ବତନ ସିଏମ୍‌ଡି ଜି.ଉପାଧ୍ୟାୟ ଆଲୋକପାତ କରିଥିଲେ। ମାନବ ସମ୍ବଳର ସୁପରିଚାଳନା, କର୍ମଚାରୀ ଏବଂ ପରିଚାଳକ ସୁସମ୍ପର୍କ ଉପରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ସୂଚନା ଦେଇଥିଲେ। ଏଥିରେ ବିଭିନ୍ନ ପ୍ଲେନେରୀ ସେସନ ମାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।